### ନୟାଗଡ଼ ନା ଚାନ୍ଦପୁରରେ ହେବ ମେଡିକାଲ କଲେଜ

# ତେଜୁଛି ଆନ୍ଦୋଳନ; ଉଚ୍ଚା ହେଉଛି ସ୍ୱର




**ନୟାଗଡ଼, ୧୧।୧୨(ସମିସ)**

ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ ତେଜୁଥିବାବେଳେ ସୋସିଆଲ ମିଡିଆରେ ସ୍ୱର ମଧ୍ୟ ଉଚ୍ଚା ହେଉଛି। ଚାନ୍ଦପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ରଣପୁର ବ୍ଲକ ଅଞ୍ଚଳରେ ଦାବି ଜୋର୍‌ଦାର ହେଉଥିବାବେଳେ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଅନ୍ୟ ୭ଟି ବ୍ଲକରୁ ଦାବି ହେଉଛି। ସରକାର କେଉଁଠି ମେଡିକାଲ କଲେଜ ନିର୍ମାଣ କରିବେ ତାହା ସ୍ପଷ୍ଟ କରି ନ ଥିବାବେଳେ ବିଧାନସଭାରେ ଚାନ୍ଦପୁର ପାଇଁ ପ୍ରସ୍ତାବ ରହିଥିବା କହିଥିଲେ। ଏହାକୁ ନେଇ ଜିଲ୍ଲାରେ ସ୍ଥିତି ସରଗରମ ହୋଇଛି। ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ଦାବିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନୟାଗଡ଼ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ସ୍ଥାନୀୟ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ଆହୁତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବସ୍ ଆସୋସିଏସନ ସଦସ୍ୟ, ବଣିକ ସଂଘ ସଦସ୍ୟ, ରୋଟାରିଆନ, ଟ୍ରେଡ୍ ୟୁନିଅନ୍ ସଦସ୍ୟ, ସାମ୍ବାଦିକ ଏବଂ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିମାନେ ଯୋଗଦେଇଥିଲେ।

ରାଜ୍ୟର ସବୁ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ କରିବାକୁ ସରକାର ଘୋଷଣା କରିଥିଲେ ମଧ୍ୟ ନୟାଗଡ଼ ଜିଲ୍ଲା ନାମ ଘୋଷଣା କରାଯାଇ ନ ଥିବାରୁ ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାସହିତ ମେଡିକାଲ କଲେଜ ଚାନ୍ଦପୁରରେ କରିବାକୁ ବିଧାନସଭାରେ ଆଲୋଚନା ପରେ ନୟାଗଡ଼ ଜିଲ୍ଲାର ୭ଟି ବ୍ଲକରେ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ବିରୋଧାଭାସ ଦେଖାଦେଇଛି। ଜିଲ୍ଲାର ମଧ୍ୟସ୍ଥଳରେ ନୟାଗଡ଼ ସହର ରହିଥିବାରୁ ଏଠାରେ ହିଁ ମେଡିକାଲ କଲେଜ କରିବାକୁ ସମସ୍ତେ ସମ୍ମତି ଦେଇଥିଲେ। ନୟାଗଡ଼ ସହରର ସଦର ଥାନା ନିକଟରେ ଥିବା ୧୧୭ ଏକର ସରକାରୀ ଜାଗାରେ ମେଡିକାଲ କଲେଜ କରିବାକୁ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଆନ୍ଦୋଳନକୁ କିପରି ଆଗକୁ ନିଆଯିବ ସେ ନେଇ ସମସ୍ତ ସଦସ୍ୟ ନିଜର ମତ ଉପସ୍ଥାପନ କରିଥିଲେ। କ୍ରିୟାନୁଷ୍ଠାନ କମିଟି ଏଥିପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏପରିକି ଦରକାର ହେଲେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟର ସବୁ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ କରାଯାଇଥିବା ବେଳେ ନୟାଗଡ଼ରେ ରାଜନୀତିକରଣ ନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। କ୍ରିୟାନୁଷ୍ଠାନ କମିଟିର ଦାବିକୁ ଗ୍ରହଣ କରିବାକୁ ତୀବ୍ର ଆନ୍ଦୋଳନ କରି ସରକାରଙ୍କୁ ବାଧ୍ୟ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କ୍ରିୟାନୁଷ୍ଠାନ କମିଟିର ୩୦ ଜଣିଆ ସଦସ୍ୟଙ୍କୁ ନେଇ ଏକ ଆକ୍ସନ୍ ପ୍ଲାନ୍ କମିଟି ଗଠନ କରାଯାଇଥିଲା।

### ପ୍ରସ୍ତାବରେ ସୀମିତ ବାଇପାସ୍ ନିର୍ମାଣ

# ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା; ଅସୁରକ୍ଷିତ ଛାତ୍ରଛାତ୍ରୀ



**ଗଣିଆ, ୧୧।୧୨(ସମିସ):** ନୟାଗଡ଼ ଜିଲ୍ଲାର ଛୋଟ ତଥା ଅନୁନ୍ନତ ବ୍ଲକ ଭାବେ ଗଣିଆ ବ୍ଲକ ପରିଚିତ। ଏହି ବ୍ଲକର ସଦରମହକୁମା ଗଣିଆ ବଜାରର ଉନ୍ନତିମୂଳକ କାର୍ଯ୍ୟ କେବଳ ନାମକୁମାତ୍ର ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଗଣିଆ ବଜାର ମଧ୍ୟରେ କଣ୍ଟିଲୋ-ଗଣିଆ-ଦଶପଲ୍ଲା ରାଜ୍ୟ ରାଜପଥ ଯାଇଥିବାବେଳେ ବଜାରର ମୁଖ୍ୟ ଛକଠାରୁ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପର୍ଯ୍ୟଟନସ୍ଥଳୀକୁ ରାସ୍ତା ଯାଇଛି। ଭୁବନେଶ୍ୱର, କଟକ, ଅନୁଗୁଳଠାରୁ ରାଜ୍ୟ ରାଜପଥ ତଥା ଗଣିଆ ବଜାର ଦେଇ ଦଶପଲ୍ଲା ଅଭିମୁଖେ ଦୈନିକ ଶହଶହ ଯାତ୍ରୀବାହୀ ବସ୍, ମାଲବାହୀ ଟ୍ରକ୍ ସହ ବିଭିନ୍ନ ଭାରୀଯାନ ଯାତାୟାତ କରୁଛି। ଭାରୀଯାନ ଗଣିଆ ବଜାର ଦେଇ ଅତିକ୍ରମ କରିବା ସମୟରେ ଗୋଲେଇ ଛକଠାରୁ ବ୍ଲକ ଛକ ଓ କଣ୍ଟିଲୋ ରାସ୍ତା ଉଭୟ ପାର୍ଶ୍ୱ ରାସ୍ତା ଜାମ ହେଉଥିବା ଦେଖାଯାଇଛି। ମହାନଦୀ ବାଲିଘାଟରୁ ବାଲି ନେବା ପାଇଁ ପ୍ରତିଦିନ ଟ୍ରକ୍, ଟ୍ରାକ୍ଟର, ଡମ୍ପର ଆଦି ଯାତାୟାତ କରୁଛି। ଏହି ରାଜ୍ୟ ରାଜପଥ ଦେଇ ଶହଶହ ଛାତ୍ରଛାତ୍ରୀ ପ୍ରାଥମିକସ୍ତରରୁ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ପର୍ଯ୍ୟନ୍ତ ପାଠ ପଢ଼ିବାକୁ ଯାଉଛନ୍ତି। ଏପରିକି ରାସ୍ତା ପାର୍ଶ୍ୱକୁ ଲାଗି ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ, ରଘୁନାଥଜୀଉ ଉଚ୍ଚ ବିଦ୍ୟାଳୟ, କିଶୋର ପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଧୂଆଁମଡ଼ା ପ୍ରାଥମିକ ବିଦ୍ୟାଳୟ, ଆଡ଼କଟା ଉଚ୍ଚ ବିଦ୍ୟାଳୟ, ଆଡ଼କଟା ପ୍ରାଥମିକ ବିଦ୍ୟାଳୟ, କରଡ଼ାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଦି ରହିଛି। ଛାତ୍ରଛାତ୍ରୀମାନେ ଅନେକ ସମୟରେ ବିପଜ୍ଜନକ ଭାବେ ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ ଅଭିଭାବକମାନେ ସବୁବେଳେ ଭୟଭୀତ ଅବସ୍ଥାରେ ରହୁଛନ୍ତି।

୨୦୨୨ରେ ଜିଲ୍ଲାପାଳ ଗଣିଆଠାରେ ବାଇପାସ୍ ରାସ୍ତା ନିର୍ମାଣର ଅନୁଧ୍ୟାନ କରିଥିବାବେଳେ ଏହାର ଅଗ୍ରଗତି ହୋଇପାରି ନ ଥିବା ଜଣାପଡ଼ିଛି। ରାଜନୈତିକ ଓ ପ୍ରଶାସନିକସ୍ତରରେ ବାଇପାସ୍ ନିର୍ମାଣ କେବଳ ପ୍ରସ୍ତାବରେ ସୀମିତ ହୋଇ ରହିଛି। ଏହା ବ୍ୟତୀତ ଏଠାରେ କୌଣସି ପାର୍କିଂ ବ୍ୟବସ୍ଥା ନ ଥିବାରୁ ଦୈନନ୍ଦିନ କାର୍ଯ୍ୟରେ ଲୋକମାନେ ଦୋକନ ବଜାର ଆସୁଥିବାବେଳେ ରାସ୍ତା ପାର୍ଶ୍ୱରେ ନିଜ ନିଜର ଗାଡ଼ିଗୁଡ଼ିକ ରଖୁଥିବାରୁ ଟ୍ରାଫିକ୍ ସମସ୍ୟା ଜଟିଳ ହେଉଛି। ଗଣିଆ ବଜାର ଉପରେ ଗଣିଆ ବ୍ଲକର ୮ଟି ପଞ୍ଚାୟତ ଓ ନିକଟସ୍ଥ ଖଣ୍ଡପଡ଼ା ବ୍ଲକର ୨ଟି ପଞ୍ଚାୟତର ଲୋକ ଦୈନନ୍ଦିନ ଚଳଣି ନିମନ୍ତେ ପନିପରିବାଠାରୁ ଆରମ୍ଭ କରି ଡାଲି, ଚାଉଳ ସାମଗ୍ରୀ ସମେତ ଗଣିଆ ବଜାର ଉପରେ ନିର୍ଭର କରିବା ସହିତ ସାପ୍ତାହିକ ହାଟ, ଶିକ୍ଷା, ସ୍ୱାସ୍ଥ୍ୟସେବା, ବ୍ୟାଙ୍କ ଆଦି କାର୍ଯ୍ୟରେ ନିର୍ଭର କରିଥା'ନ୍ତି। ବାଇପାସ୍ ନିର୍ମାଣ କରିବା ପାଇଁ ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ କରାଯିବାକୁ ଦାବି ହେଉଛି।

### ବାଉଁଶଗାଡ଼ିଆ ପ୍ରାଥମିକ ବିଦ୍ୟାଳୟ

# ଭଙ୍ଗା ପାଚେରି ଓ ଫାଟକ ଯୋଗୁଁ ଛାତ୍ରଛାତ୍ରୀ ଅସୁରକ୍ଷିତ



**ଓଡ଼ଗାଁ, ୧୧।୧୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ ସୁରକ୍ଷା ପାଚେରି ସାଙ୍ଗକୁ ଭଙ୍ଗା ଫାଟକ ବିଦ୍ୟାଳୟ ପରିସରକୁ ଅସୁରକ୍ଷିତ କରିଛି। ଦିନକୁ ଦିନ ନିଶାଡ଼ିଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ବିଦ୍ୟାଳୟ ପରିସରରେ ପଶି ନିଶା ସେବନ ସହିତ ବାରଣ୍ଡାରେ ପଦ୍ୟପାନ ସହିତ କାଚ ବୋତଲ ଭାଙ୍ଗି ପକାଇବା ଦେଖାଯାଇଛି। ଏପରିକି ସେମାନଙ୍କ ପାଇଁ ସ୍ଥାୟୀ ବାଡ଼ ନିର୍ମାଣ ସମ୍ଭବ ହେଉ ନ ଥିବାବେଳେ ଜିଆଇ ତାରରେ ନିର୍ମାଣ ହୋଇଥିବା ବାଡ଼କୁ ମଧ୍ୟ ୨୪ ଘଣ୍ଟା ନ ପୂରୁଣୁ ଭାଙ୍ଗି ଦିଆଯାଉଛି। ଅନ୍ୟପକ୍ଷରେ ସ୍କୁଲ ମଧ୍ୟରେ ଏକ ନୂତନ ଗୃହ ନିର୍ମାଣ ସମୟରେ ସରଞ୍ଜାମ ଆଣିବା ପାଇଁ ଭଙ୍ଗା ଯାଇଥିବା ବାମପାଖ ପାଚେରିକୁ ନିର୍ମାଣ କରି ନ ଥିବାରୁ ସ୍କୁଲ ସମୟରେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ଅଗୋଚରରେ ବାହାରକୁ ଚାଲିଯାଇଥିବାରୁ, ସେମାନଙ୍କ ସୁରକ୍ଷା ପ୍ରତି ସମସ୍ୟା ଦେଖାଯାଇଛି। ମେଗା ୱାଟର ସପ୍ଲାଇ ପାଇଁ କାର୍ଯ୍ୟ ଚାଲିଥିବା ସମୟରେ ସଂସ୍ଥାର ଠିକାଦାର ଗେଟ୍ ଏବଂ ଗ୍ରୀଲ୍ ଭାଙ୍ଗିଥିବାବେଳେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ସରିବା ପରେ ଭଙ୍ଗାଯାଇଥିବା ପାଚେରିକୁ ପୁନଃ ନିର୍ମାଣ କଲେନାହିଁ। ସ୍ଥାନୀୟ ସରପଞ୍ଚ ଓ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କଲେ ଏହା ଦିନେ ବଡ଼ ବିପଦକୁ ଡାକି ଆଣିବା ଅସମ୍ଭବ ନୁହେଁ।

### ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ ପ୍ରସଙ୍ଗ

# ନୟାଗଡ଼କୁ କ୍ଷୁଦ୍ର ଭାବେ ଗଣିଲେ ସରକାର

**ନୟାଗଡ଼, ୧୧।୧୨(ସମିସ):** ନୟାଗଡ଼ ଜିଲ୍ଲାକୁ କ୍ଷୁଦ୍ର ଜିଲ୍ଲା ଭାବେ ଗଣିଛନ୍ତି ରାଜ୍ୟ ସରକାର। ଏନେଇ ତଥ୍ୟ ଉପସ୍ଥାପନ କରିବା ସହ ସରକାରଙ୍କ ଦୃଷ୍ଟିକୁ ଆଣିଛନ୍ତି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ନୟାଗଡ଼ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ କ'ଣ ପାଇଁ ପ୍ରଶ୍ନ କରିଛନ୍ତି। ବିଧାୟକ ଡ. ସାହୁ ବିଧାନସଭାରେ ପ୍ରଶ୍ନ ଉଠାଇବା ପରେ ନୟାଗଡ଼ ବୁଦ୍ଧିଜୀବୀ ମହଲରେ ମଧ୍ୟ ପ୍ରସଙ୍ଗଟି ଜଟିଳତା ସୃଷ୍ଟି କରିଛି।

ରାଜ୍ୟ ସରକାର ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ନବକଳେବର କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସରକାର ୩୦ ଜିଲ୍ଲାକୁ ୩ଟି ବର୍ଗରେ ବିଭକ୍ତ କରିଛନ୍ତି। ବଡ଼ ବର୍ଗରେ ସମ୍ବଲପୁର, ପୁରୀ, କେନ୍ଦୁଝର, କଟକ, ମୟୂରଭଞ୍ଜ, ସୁନ୍ଦରଗଡ଼ ଏବଂ ଗଞ୍ଜାମ ଜିଲ୍ଲାକୁ ନିଆଯାଇଥିବା ବେଳେ ମଧ୍ୟମ ବର୍ଗରେ କନ୍ଧମାଳ, ରାୟଗଡ଼ା, ବାଲେଶ୍ୱର, ଯାଜପୁର, ବଲାଙ୍ଗିର, ଖୋର୍ଦ୍ଧା, କଳାହାଣ୍ଡି, ଭଦ୍ରକ, ବରଗଡ଼, କେନ୍ଦ୍ରାପଡ଼ା, କୋରାପୁଟ, ଅନୁଗୁଳ, ନବରଙ୍ଗପୁର, ଢେଙ୍କାନାଳ, ଜଗତସିଂହପୁର ଜିଲ୍ଲାକୁ ନିଆଯାଇଛି। କ୍ଷୁଦ୍ର ବର୍ଗରେ ନୟାଗଡ଼, ମାଲକାନଗିରି, ନୂଆପଡ଼ା, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ଗଜପତି, ବୌଦ୍ଧ, ଦେବଗଡ଼ ଜିଲ୍ଲାକୁ ନିଆଯାଇଛି। ବଡ଼ବର୍ଗ ଜିଲ୍ଲାରେ ୧ ଲକ୍ଷ ୭୦ ହଜାର ସ୍କୋୟାର ଫୁଟ୍ ଜମିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣ ହେବାକୁ ସ୍ଥିର ହୋଇଛି। ମଧ୍ୟମ ବର୍ଗ ପାଇଁ ୧ ଲକ୍ଷ ୪୦ ହଜାର ସ୍କୋୟାର ଫୁଟ୍ ଜମିରେ ଜିଲ୍ଲାପାଳଙ୍କ

**ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ ଅରୁଣ ସାହୁ**

କାର୍ଯ୍ୟାଳୟ ନିର୍ମାଣ କରାଯିବାକୁ ଯୋଜନା ରହିଛି। କ୍ଷୁଦ୍ରବର୍ଗ ପାଇଁ ୧ ଲକ୍ଷ ସ୍କୋୟାର ଫୁଟ୍ ଜମିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣ ହେବ। ନୟାଗଡ଼ ଜିଲ୍ଲାକୁ କ୍ଷୁଦ୍ର ବର୍ଗରେ ନିଆଯାଇଛି। ନୟାଗଡ଼ ଜିଲ୍ଲାରେ ୪ଟି ନିର୍ବାଚନମଣ୍ଡଳୀ ରହିଥିବାବେଳେ ଏହାର ଆୟତନ ୩୮୯୦ ସ୍କୋୟାର କିଲୋମିଟର ରହିଛି। ଜିଲ୍ଲାର ଜନସଂଖ୍ୟା ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବା ସାକ୍ଷରତା ହାର ୮୩.୩ ପ୍ରତିଶତ ରହିଛି। ନୟାଗଡ଼ ଜିଲ୍ଲା ତୁଳନାରେ କମ୍ ନିର୍ବାଚନମଣ୍ଡଳୀ, କମ୍ ଜନସଂଖ୍ୟା ଏବଂ କମ୍ ସାକ୍ଷରତା ହାର ରହିଥିବା ଜିଲ୍ଲାକୁ ମଧ୍ୟମ ବର୍ଗରେ ନିଆଯାଇଥିବା ବେଳେ ସରକାର ନୟାଗଡ଼କୁ କାହିଁକି କ୍ଷୁଦ୍ରବର୍ଗରେ ନେଇଛନ୍ତି ବୋଲି ନୟାଗଡ଼ ବିଧାୟକ ଡ. ସାହୁ ବିଧାନସଭାରେ ଏହାକୁ ଉପସ୍ଥାପନ କରିଛନ୍ତି। ନୟାଗଡ଼ ଜିଲ୍ଲା ଏକ ଡ୍ରାଏ ଡିଷ୍ଟ୍ରିକ୍ଟ ଭାବେ ପରିଚିତ ଥିବାବେଳେ ଏହାର ବିକାଶକୁ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ଅଟେ। ନୟାଗଡ଼ ଜିଲ୍ଲା ଖଣି, ପାଣି, ଶିଳ୍ପବିହୀନ ଜିଲ୍ଲା ଭାବେ ପରିଗଣିତ। ଏହି ଜିଲ୍ଲାରେ କେବଳ ଜଙ୍ଗଲ ସମ୍ପଦ ଭରପୂର ରହିଥିବାବେଳେ ଅନ୍ୟ କୌଣସି ଆର୍ଥିକ ବିକାଶ ଦିଗ ନାହିଁ। ଏଭଳି ଜିଲ୍ଲାକୁ ପ୍ରୋତ୍ସାହନ ଦିଆଯିବା ବଦଳରେ ସରକାର ଅଣଦେଖା କରୁଥିବା ବିଧାୟକ କହିଛନ୍ତି। ସରକାର ଏବଂ ବାଚସ୍ପତି ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ନୟାଗଡ଼ ଜିଲ୍ଲାକୁ ସରକାର କ୍ଷୁଦ୍ରବର୍ଗରେ ଗଣୁଥିବା ନେଇ ଜଣାପଡ଼ିବା ପରେ ଜିଲ୍ଲାବାସୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲାକୁ ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷା କରାଯାଉଥିବା ନେଇ ନୟାଗଡ଼ବାସୀଙ୍କ ମନରେ କ୍ଷୋଭ ସୃଷ୍ଟି ହୋଇଛି। ଜିଲ୍ଲାର ଗରିମାକୁ କ୍ଷୁର୍ଣ୍ଣ କରିବା ପାଇଁ ସରକାର କରିଥିବା ଷଡ଼ଯନ୍ତ୍ର ବିରୁଦ୍ଧରେ ଜନଆନ୍ଦୋଳନ ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଛି।

## ସାଇବର ସତର୍କତା ଜିଲ୍ଲାସ୍ତରୀୟ କର୍ମଶାଳା




**ନୟାଗଡ଼, ୧୧।୧୨(ସମିସ):** ନୟାଗଡ଼ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ତରଫରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନ୍‌ଲାଇନ୍ ସୁରକ୍ଷା ଓ ସାଇବର ସଚେତନତା ଉପରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶରତ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଶରଣକୁଳ ଥାନା ଅଧିକାରୀ ପରମାନନ୍ଦ ଦଳେଇ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ପିଇଓ ସଂଯୁକ୍ତା ପାଣିଗ୍ରାହୀ ଏବଂ ମହିଳା ସଶକ୍ତୀକରଣ ଜିଲ୍ଲା ସଂଯୋଜକ ସୌମ୍ୟରଞ୍ଜନ ଦାଶ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିବା ସହ ବେଟି ବଚାଓ, ବେଟି ପଢ଼ାଓ ମୂଳ ଲକ୍ଷ୍ୟ, ଅଧିକାର, ସମାନତା, ସାମାଜିକ ସୁରକ୍ଷା ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ପିଆର୍‌ଆଇ ସଦସ୍ୟ, କିଶୋରୀ ବାଳକ ବାଳିକା ଉପସ୍ଥିତ ଥିଲେ। ସାଇବର କ୍ରାଇମ୍ ମାନେ କ'ଣ, ଝିଅମାନଙ୍କ ପାଇଁ ଅନ୍‌ଲାଇନ୍ କେତେ ସୁରକ୍ଷିତ, ସୁରକ୍ଷିତ ଅନ୍‌ଲାଇନ୍ ବ୍ୟବହାର, ଡିଭାଇସ୍ ସୁରକ୍ଷା, ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା, ମାନସିକ ସ୍ୱାସ୍ଥ୍ୟ ଉପରେ ଆଲୋକପାତ କରାଯାଇଥିଲା। ଶେଷରେ ସରକାରଙ୍କ ତରଫରୁ ଆସିଥିବା ୧୦୦୦ ଟଙ୍କା ଲେଖାଏଁ ଚାରି ଜଣ କିଶୋରୀ ବାଳକ ବାଳିକାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଡିଏସ୍‌ଡବ୍ଲ୍ୟୁଓ ପୁଷ୍ପଲତା ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମାନବାଧିକାର ଦିବସ ପାଳିତ

ଦଶପଲ୍ଲା, ୧୧।୧୨(ସମିସ): ଦଶପଲ୍ଲା ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ଦଶପଲ୍ଲା ବିଚାର ବିଭାଗୀୟ ଅଦାଲତ ପରିସରରେ ବୁଧବାର ବିଶ୍ୱ ମାନବାଧିକାର ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଆଲୋଚକ ଭାବରେ ବରିଷ୍ଠ ଆଇନଜୀବୀ ତଥା ଦଶପଲ୍ଲା ଓକିଲ ସଂଘର ସମ୍ପାଦକ ଶରତ ଚନ୍ଦ୍ର ବେହେରା, ବିରେନ୍ଦ୍ର ନାଏକ, ବେଣୁଧର ନାୟକ ମାନବାଧିକାର ଉପରେ ଆଲୋଚନା କରିଥିଲେ। ସଭାରେ ବହୁ ସଂଖ୍ୟାରେ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ, ଶିକ୍ଷକ, ବରିଷ୍ଠ ନାଗରିକ, ପାରାଲିଗାଲ ଭଲ୍ୟୁଣ୍ଟର ଓ ଆଇନଜୀବୀମାନେ ଯୋଗଦେଇଥିଲେ। ସଭାକୁ ଆଇନଜୀବୀ ବ୍ରଜେନ୍ଦ୍ର କୁମାର ବେହେରା ସଂଯୋଜନା କରିଥିଲେ।

## ବରୁଣେଇ କ୍ରିକେଟ: ବରୁଣେଇ ବିଜୟୀ

**କଣ୍ଟିଲୋ, ୧୧।୧୨(ସମିସ):** ବରୁଣେଇ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡ଼ିଆଠାରେ ଚାଲିଥିବା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସପ୍ତମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବରୁଣେଇ-ଏ' କ୍ରିକେଟ ଟିମ୍ ଗୋପୀନାଥପୁରକୁ ୪୧ ରନ୍‌ରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବରୁଣେଇ-ଏ' ଟିମ୍ ନିର୍ଦ୍ଧାରିତ ୧୬ ଓଭରରେ ୬ ୱିକେଟ୍ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଗୋପୀନାଥପୁର ଟିମ୍ ୧୬ ଓଭରରେ ୮ଟି ୱିକେଟ୍ ହରାଇ ୧୦୫ ରନ୍‌ରେ ସୀମିତ ରହି ପରାଜିତ ହୋଇଥିଲା। ବିଜୟୀ ଦଳର ଶୁଭମ୍ ବାରିକ ୧୫ ବଲ୍‌ରେ ୪୫ ରନ୍ କରି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଘୋଷିତ ହୋଇଥିଲେ। ଅମ୍ପାୟାର ଅନିଲ ନାୟକ ଓ କାହ୍ନା ବାରିକ ମ୍ୟାଚ୍ ପରିଚାଳନା କରିଥିଲେ।

## ନାରାୟଣ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



**ଶରଣକୁଳ, ୧୧।୧୨(ସମିସ):** ଶରଣକୁଳ ନାରାୟଣ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଶ୍ମି ରଞ୍ଜନ ମିଶ୍ର ଲଡୁବାବାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡ଼ା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଆସି ଖେଳପଡ଼ିଆରେ ପହଞ୍ଚିବା ପରେ ପ୍ରଧାନଶିକ୍ଷକ ଶ୍ରୀ ମିଶ୍ର କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। କ୍ରୀଡ଼ା ଶିକ୍ଷକ ଦାମୋଦର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ, ଜାଭେଲିନ୍ ଥ୍ରୋ, ବଲ୍ ଥ୍ରୋ, ସଟ୍‌ପୁଟ୍, ଦୌଡ଼ିଡିଆଁ, ବାଟି ଚାମଚ, ମ୍ୟୁଜିକ୍ ଚେୟାର ଇତ୍ୟାଦି ବାଳକ ବାଳିକା ଭିନ୍ନ ଭିନ୍ନ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ତିନିଟି ବିଭାଗରେ ୧୬ଟି ଖେଳ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ଜନାର୍ଦ୍ଦନ ପରିଡ଼ା, ଚନ୍ଦନ ମଲ୍ଲିକ, ସଚ୍ଚିଦାନନ୍ଦ ପାତ୍ର, ଦୀପକ ନାୟକ, ବିକାଶ ନାୟକ, ଆଲୋକ ମଲ୍ଲିକ ବାଳକ ବିଭାଗ କ୍ରୀଡ଼ା ପରିଚାଳନା କରିଥିବାବେଳେ ପ୍ରଜ୍ଞା ପାରମିତା ସାହୁ, ସସ୍ମିତା ସାହୁ, ନିରୁପମା ସାହୁ, ଶୁଭସ୍ମିତା ସାହୁ, ରଶ୍ମିତା ବେହେରା, ମମତା ମିଶ୍ର, ସୃଷ୍ଟି ମହାପାତ୍ର ପ୍ରମୁଖ ବାଳିକା ବିଭାଗ ଖେଳ ପରିଚାଳନା କରିଥିଲେ।

## ଆଜି ରାଜସୁନାଖଳା ଆସିବେ ରାଜ୍ୟପାଳ

**ନୟାଗଡ଼, ୧୧।୧୨(ସମିସ):** ରାଜସୁନାଖଳା ମହୋତ୍ସବ ଉଦ୍‌ଯାପନ ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପତି ଶୁକ୍ରବାର ରାଜସୁନାଖଳା ଗସ୍ତରେ ଆସିବେ। ଏହି ଅବସରରେ ଗୁରୁବାର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଭାରପ୍ରାପ୍ତ ସିଡିଏମ୍‌ଓ ଡା. ପୁଷ୍ପା ନୀଳିମା ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ଆନୁସଙ୍ଗିକ ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଉପରେ ଆଲୋଚନା ହୋଇଥିଲା।

# ଅନ୍ଧାରୀ ମୂଳକ ଗାଁ 'ଡମାଘାଟି'





**ଗଣିଆ, ୧୧।୧୨(ସମିସ)**

ସ୍ୱାଧୀନତାର ୭୯ ବର୍ଷ ପରେ ବି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବିପର୍ଯ୍ୟସ୍ତ। ସନ୍ଧ୍ୟା ହେଲେ ଖୋଜା ପଡ଼େ ଡିବିରି। ସରକାରୀ ସୁବିଧା ଏଠାରେ ସାତସପନ। ମହାନଦୀ ବନ୍ୟପ୍ରାଣୀ ଡିଭିଜନ କୁଆଁରିଆ ରେଞ୍ଜ ଅଧୀନରେ ଅବସ୍ଥିତ ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତର ଗାଁ 'ଡମାଘାଟି'। ଗାଁକୁ ନାହିଁ ସବୁଦିନିଆ ରାସ୍ତା। ଜଙ୍ଗଲିଆ ପାଦଚଲା ଘାଟି ରାସ୍ତା ହିଁ ଭରସା। ଏହି ଗ୍ରାମରେ ୫ଟି ପରିବାରର ୨୫ରୁ ଅଧିକ ଲୋକ ବାସ କରନ୍ତି। ଶିକ୍ଷା ବ୍ୟବସ୍ଥା ଏଠାରେ ବିପର୍ଯ୍ୟସ୍ତ। ମେଲେରିଆ ଓ ଝାଡ଼ାବାନ୍ତି ରୋଗର ପ୍ରକୋପ ଏଠାରେ ଅଧିକ। ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିବା ସମ୍ଭବପର ହେଉ ନ ଥିବାରୁ ଦେହ ଖରାପ ହେଲେ ଦୋଳା ସାହାଯ୍ୟରେ ଗଣିଆ କିମ୍ବା ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡ଼ିଥାଏ। ଚେରମୂଳି ହିଁ ଏମାନଙ୍କ ପାଇଁ ତୁରନ୍ତ ଚିକିତ୍ସା ଭରସା। ଅଙ୍ଗନବାଡ଼ି କେନ୍ଦ୍ର କାମଚଳା ନୀତିରେ ଚାଲିଛି। ଶିଶୁମାନେ ଏଥିରୁ ସୁଫଳ ପାଉ ନ ଥିବା ଅଭିଯୋଗ ହୋଇଛି। ଇନ୍ଦିରା ଆବାସ ଏଠାରେ ସାତସପନ। ଭଙ୍ଗା ଦଦରା ଚାଳଘର ହିଁ ଏମାନଙ୍କ ବାସସ୍ଥାନ। ପାନୀୟଜଳ ସମସ୍ୟା ବର୍ଷସାରା ଲାଗି ରହୁଛି। ପରିତ୍ୟକ୍ତ ଅପରିଷ୍କାର ଖୋଲାକୂଅ ହିଁ ଏମାନଙ୍କ ପାନୀୟଜଳର ମାଧ୍ୟମ। ବର୍ଷ ବର୍ଷ ଧରି ଏହି କୂଅ ସଫାସୁତରା ହେଉ ନ ଥିବା ଜଣାପଡ଼ିଛି। ଏଣୁ ବାଧ୍ୟ ହୋଇ ଲୋକେ ଦୂଷିତ ଜଳକୁ ପାନୀୟ ରୂପେ ବ୍ୟବହାର କରୁଛନ୍ତି।

**▸▸ ସରକାରୀ ସୁବିଧା ସାତସପନ**

**▸▸ ଶିକ୍ଷା ସ୍ୱାସ୍ଥ୍ୟ କଥା ପଚାରେ କିଏ?**

ଅନ୍ୟପକ୍ଷରେ ପାହାଡ଼ିଆ ଓ ଅଣ ଜଳସେଚିତ ଜମିରେ କିଛି ପନିପରିବା ଚାଷକରି ନିଜ ଗୁଜୁରାଣ ମେଣ୍ଟାଉଛନ୍ତି। ତେଣୁ ଅନେକ ସମୟରେ ଚାଷ ଉପରେ ନିର୍ଭର ନ କରି ଜଙ୍ଗଲଜାତ ଦ୍ରବ୍ୟ ଚାରମଞ୍ଜି, ମହୁଲ, ଶାଳମଞ୍ଜି, ଶାଳ ଓ ଶିଆଳି ପତ୍ରରେ ଖଲି ତିଆରି କରି ବିକ୍ରି କରି ପେଟ ପୋଷୁଛନ୍ତି। ମୋବାଇଲ୍ ନେଟୱର୍କ ନ ଥିବାରୁ ସମ୍ପର୍କୀୟଙ୍କୁ ଯୋଗାଯୋଗ ସମ୍ଭବ ହୁଏନାହିଁ। ସନ୍ଧ୍ୟା ହେଲେ ଏଠାରେ ଖୋଜାପଡ଼େ ଡିବିରି। ବିଜୁଳି ଆଲୁଅ ଏମାନଙ୍କ ପାଇଁ ସ୍ୱପ୍ନ। ଜଙ୍ଗଲ ଭିତରେ ସବୁବେଳେ ଜନ୍ତୁମାନଙ୍କ ଭୟ। ଏହିପରି ଅନେକ ସମସ୍ୟାରେ ଛନ୍ଦି ହୋଇ କାଳାତିପାତ କରୁଛନ୍ତି ଆଦିବାସୀ ଲୋକେ। ଅପହଞ୍ଚ ତଥା ଘାଟି ରାସ୍ତା ହୋଇଥିବାରୁ ପ୍ରଶାସନର ପାଦ ଏଠାରେ ପଡ଼େନାହିଁ। ସରକାରଙ୍କ ଅନେକ ଯୋଜନା ସମ୍ପର୍କରେ ଏମାନେ ସମ୍ପୂର୍ଣ୍ଣ ଅଜ୍ଞ। ଅନେକ ସମୟରେ ବ୍ଲକ ତଥା ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିବା ସହିତ ବ୍ଲକ ସମ୍ମୁଖରେ ଧାରଣାରେ ବସି ରହିଥିଲେ ମଧ୍ୟ ସମସ୍ୟା ସୁଧୁରିବାର ନାଁ ଗନ୍ଧ ଧରୁନାହିଁ। ଦେଖିବାକୁ ବାକି ରହିଲା କେଉଁଦିନ ଏ ଅନ୍ଧାରୀ ମୂଳକର ସମସ୍ୟା ସମାଧାନ ହେଉଛି।

## ଆଶ୍ରମ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

ଖଣ୍ଡପଡ଼ା, ୧୧।୧୨(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ୧ନଂ ୱାର୍ଡସ୍ଥିତ ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନବୀନ କୁମାର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଖେଳକୁଦ, ଦୌଡ଼ ପ୍ରଭୃତି ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡ଼ିଛି। ଶିକ୍ଷକ ନାରାୟଣ ତ୍ରିପାଠୀଙ୍କ ସମେତ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଖେଳପଡ଼ିଆଟିଏ ନ ଥିବାରୁ ଛାତ୍ରଛାତ୍ରୀମାନ ଖେଳକୁଦ ନିମନ୍ତେ ବର୍ଷତମାମ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଏଥିପ୍ରତି ପ୍ରଶାସନ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଚିଲିକାରୁ ୧୧୦୦ ଏକର ଘେରି ଉଚ୍ଛେଦ

ବାଲୁଗାଁ, ୧୧।୧୨(ସମିସ)



ଚିଲିକାକୁ ବେଆଇନ ଘେରି ମୁକ୍ତ କରିବା ପାଇଁ ମତ୍ସ୍ୟଜୀବୀ ମାନେ ବାରମ୍ବାର ଅଭିଯୋଗ କରିଆସୁଥିବା ସ୍ଥଳେ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ ଚିଲିକା ଜଳ ରାଶିରୁ ବାରମ୍ବାର ଘେରି ଉଚ୍ଛେଦ କରାଯାଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରେ ବେଆଇନ ଘେରି ଗଢି ଉଠୁଥିବା ଦେଖିବାକୁ ମିଳୁଛି। ଚିଙ୍ଗୁଡି ଘେରି ଗଢି ଉଠିଥିବା ଯୋଗୁଁ ଚିଲିକାରେ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଉଥିବାରୁ ମତ୍ସ୍ୟଜୀବୀ ଅନ୍ୟ ଉପାୟ ନପାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଚିଙ୍ଗୁଡି ମାଫିଆ ମାନେ ଚିଲିକା ମଧ୍ୟରେ ଏକର ଏକର ଜାଗାରେ ଜାଲ ବିଛାଇ ଘେରି ସୃଷ୍ଟି କରି ସେ ମଧ୍ୟରେ ବେଆଇନ ଭାବେ ଚିଙ୍ଗୁଡି ଚାଷ କରି ପ୍ରଚୁର ଲାଭବାନ ହେଉଛନ୍ତି। ଫଳରେ ଚିଙ୍ଗୁଡି ମାଫିଆଙ୍କ କବଳରେ ଚିଲିକା ଅବକ୍ଷୟ ହେବାରେ ଲାଗିଛି। ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାରେ ବିଗତ ଦିନରେ ପ୍ରଶାସନ ପକ୍ଷରୁ ବହୁ ଅର୍ଥ ବ୍ୟୟ କରାଯାଇ ଲୋକ ଦେଖାଣିଆ ଘେରି ଉଚ୍ଛେଦ କାର୍ଯ୍ୟକ୍ରମ ମାନ କରି ପ୍ରଶାସନ ଚୁପ ବସି ଯାଇଥିଲେ। ପ୍ରଶାସନର କଠୋର କାର୍ଯ୍ୟାନୁଷ୍ଠାନ ନ ନେବାର ସୁଯୋଗ ନେଇ ପୁଣିଥରେ ଚିଲିକାରେ ଘେରି ମାନ ମୁଣ୍ଡ ଟେକୁଛି। ଫଳରେ ଘେରି ଉଚ୍ଛେଦ କାର୍ଯ୍ୟ ଏକ ପ୍ରହସନ ପାଲଟିଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ଚିଙ୍ଗୁଡି ମାଫିଆ ମାନଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ଚିଲିକା ହ୍ରଦରେ ଘେରି ମାନ ଗଢି ଉଠୁଥିବା ମତ୍ସ୍ୟଜୀବୀ ମାନେ ଅଭିଯୋଗ କରିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଗତ ମାସରେ ଖବର ପ୍ରକାଶ ପରେ ପ୍ରଶାସନର ଏବେ ନିଦ ଭାଙ୍ଗିଛି।

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ସକାଳୁ ଅପରାହ୍ନ ୪ଘଟିକା ସମୟ ପର୍ଯ୍ୟନ୍ତ ଚିଲିକାରୁ ଘେରି ଉଚ୍ଛେଦ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚିଲିକା ତହସିଲଦାର କାହ୍ନୁଚରଣ ଘଡେଇଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ତହସିଲ ଅଧିନ ଚିଲିକା ଉପକୂଳବର୍ତ୍ତୀ ଛତ୍ରଗଡ ଗ୍ରାମଠାରୁ ଆରମ୍ଭ କରି ବଡକୂଳ, ଚାରବାଟିଆ, ଚନ୍ଦ୍ରାପୁଟ, ବାଲୁଗାଁ, କଳିଯୁଗେଶ୍ୱର ପାହାଡ ରାହାଣବେଲି ଓ କୁମାଣ୍ଡଳପାଟଣା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୧୧ଶହ ଏକର ପରିମିତ ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ଘେରି ଉଚ୍ଛେଦ କରାଯାଇ ୧୬୫ ବଣ୍ଡଲ ତଥା ୪୦ କ୍ୱିଣ୍ଟାଲ ମଶାରି ଜାଲ ସହ ବାଉଁଶ ଓ କିଳା ଆଦି ଜବତ ସେସବୁକୁ ପୋଡି ନଷ୍ଟ କରି ଦିଆଯାଇଛି।

ଏହି ଘେରି ଉଚ୍ଛେଦ କାର୍ଯ୍ୟରେ ତହସିଲଦାରଙ୍କ ସମେତ ସ୍ଥାନୀୟ ପ୍ରଶାସନ, ରାଜସ୍ୱ କର୍ମଚାରୀ, ସ୍ଥାନୀୟ ପୁଲିସ, ଚିଲିକା ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ, ସିଡିଏ ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିବା ବେଳେ ଉଚ୍ଛେଦ କାର୍ଯ୍ୟରେ ଡଙ୍ଗା ଓ ୨୫ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିଲା।

## ତ୍ରିପଲ୍ 'ଏ' ଅଧ୍ୟକ୍ଷାଙ୍କୁ ନେତାଜୀ ସମ୍ମାନ



ଖୋର୍ଦ୍ଧା,୧୧।୧୨(ସମିସ): କୋଲକାତାରେ ଆୟୋଜିତ ଏଜୁକେସନ କନ୍‌କ୍ଲେଭ ୨୦୨୫ରେ ହଲ୍ ଅଫ ଫେମ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜାତୀୟ ପୁରସ୍କାରରେ ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ତ୍ରିପଲ ଏର ଅଧ୍ୟକ୍ଷା ଡା. ଦୀପ୍ତିମୟୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି। ଶିକ୍ଷାକ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଅଧ୍ୟକ୍ଷା ଡା. ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କର ଏହି ସମ୍ମାନ ପାଇଁ ବିଦ୍ୟାଳୟର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## ରେଳଷ୍ଟେସନରେ ପାନୀୟ ଜଳ ଯାଞ୍ଚ ପାଇଁ ପରୀକ୍ଷା କିଟ୍ ପ୍ରଦାନ



ଜଟଣୀ,୧୧।୧୨(ସମିସ): ରେଳଷ୍ଟେସନ ମାନଙ୍କରେ ନିରାପଦ ପାନୀୟ ଜଳ ଯାଞ୍ଚ ସୁଦୃଢ଼ କରିବା ପାଇଁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ମଲ୍ଟି-ପାରାମିଟର ଜଳ ଗୁଣବତ୍ତା ପରୀକ୍ଷା କିଟ୍ ପ୍ରଦାନ କରାଯାଇଛି। ଏହି କିଟ୍ ଗୁଡିକ ରେଳମଣ୍ଡଳର ଚିକିତ୍ସା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ସ୍ୱାସ୍ଥ୍ୟ ନିରୀକ୍ଷକ ଏବଂ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଯୋଗାଇ ଦିଆଯାଇଛି। ରେଳମଣ୍ଡଳ ଚିକିତ୍ସା ଅଧିକାରୀ ଡ. ରଘୁନାଥ ପଣ୍ଡାଙ୍କ ଉପସ୍ଥିତିରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡ. ସବିତା ଶତପଥୀ କିଟ୍ ଗୁଡିକୁ ବଣ୍ଟନ କରିଥିଲେ। କର୍ମଚାରୀମାନଙ୍କୁ ପ୍ରକ୍ରିୟା ଏବଂ କ୍ଷେତ୍ର ପ୍ରୟୋଗ ସହିତ ପରିଚିତ କରାଇବା ପାଇଁ ଖୋର୍ଦ୍ଧା ରୋଡ୍‌ସ୍ଥିତ ମଣ୍ଡଳ ରେଳ ହସ୍ପିଟାଲର ଅଡିଟୋରିୟମ୍‌ରେ ଜଳ ବିଶ୍ଳେଷଣ ଉପରେ ଏକ ପ୍ରଦର୍ଶନ କରାଯାଇଥିଲା। ପୂର୍ବତଟ ରେଳପଥ ସମସ୍ତ ଷ୍ଟେସନ୍ ଏବଂ ସୁବିଧା କେନ୍ଦ୍ର ଗୁଡ଼ିକରେ ଯାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ନିରାପଦ, ପରିଷ୍କାର ଏବଂ ନିର୍ଭରଯୋଗ୍ୟ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ବୋଲି କୁହାଯାଇଛି।

## ରାଜଯୋଗ ଭବନରେ ଶ୍ରଦ୍ଧାଞ୍ଜଳି ସଭା



ଜଟଣୀ,୧୧।୧୨(ସମିସ): ଜଟଣୀ ବଡ଼ବଜାରସ୍ଥିତ ରାଜଯୋଗ ଭବନ ସେବା କେନ୍ଦ୍ର ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜ୍ଞାନକୁ ଉତ୍କଳ ଧରଣୀ ରେ ସର୍ବପ୍ରଥମେ ୧୯୭୩ ମସିହାରେ ବିଜୟରୋପଣ କରିଥିବା ରାଜଯୋଗିନୀ ବ୍ରହ୍ମାକୁମାରୀ ଡକ୍ଟର କମଲେଶ ଦିଦିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜଟଣୀ ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀଙ୍କ ସଭାପତିତ୍ୱରେ ପିପିଲି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଡ. ପ୍ରତିଭା ମହାରଥୀ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିରର ମହନ୍ତ ତଥା ବ୍ରହ୍ମାକୁମାର ଅଶୋକ ଭାଇ, ରବି ଭାଇ, କୈଳାଶ ଭାଇ, ସରୋଜ ଭାଇ, ଗୌରାଙ୍ଗ ଭାଇ, ମଧୁସୂଦନ ଭାଇ ଆଦି ଡକ୍ଟର କମଲେଶ ଦିଦିଙ୍କ ସ୍ମୃତି ଚାରଣ କରିଥିଲେ। ବ୍ରହ୍ମକୁମାର ମଳୟ ଭାଇ, ଶ୍ରୀପତି ଭାଇ, ସୁଶାନ୍ତ ଭାଇ, ଅକ୍ଷୟ ଭାଇ ଓ ରାଜା ଭାଇ ସହଯୋଗ କରିଥିଲେ।

## ମାନବାଧିକାର ଦିବସ ପାଳିତ

ବାଣପୁର, ୧୧।୧୨(ସମିସ) : ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ମାନବାଧିକାର ଦିବସ ପାଳନ ଅବସରରେ ବାଣପୁର ଶ୍ରୀଅରବିନ୍ଦ ସ୍କୁଲ ଏଫ ଇଣ୍ଟେଗ୍ରାଲ ଏଜୁକେସନ ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ମାନବାଧିକାର ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଏଥିରେ ବାଣପୁର ଓକିଲ ସଂଘର ସମ୍ପାଦକ ଜଗଦୀଶ ପଟ୍ଟନାୟକ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ।




● ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

## ବଦଳିଲେ ୪ ଥାନା ଅଧିକାରୀ, ୨ ଥାନାରେ ନୂଆ ଅଧିକାରୀ

ଖୋର୍ଦ୍ଧା,୧୧।୧୨(ସମିସ): ଜିଲ୍ଲା ପ୍ରଶାସନିକ ଆବଶ୍ୟକତା ଏବଂ ସର୍ବସାଧାରଣ ହିତ ଦୃଷ୍ଟିରୁ ଜିଲ୍ଲା ପୁଲିସ ଖୋର୍ଦ୍ଧା ଉପଖଣ୍ଡରେ ଇନ୍ସପେକ୍ଟର ସ୍ତରରେ ଏସ୍‌ପି ବିବେକାନନ୍ଦ ଶର୍ମା ଆଜି ଅଦଳବଦଳ କରିଛନ୍ତି। ଏଥିରେ ୪ଟି ଥାନାର ଅଧିକାରୀଙ୍କୁ ବଦଳି କରାଯାଇଥିବାବେଳେ ୨ଜଣ ନୂଆ ଅଧିକାରୀଙ୍କୁ ଦୁଇଟି ଥାନାରେ ନିଯୁକ୍ତି ଦିଆଯାଇଛି। ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟ (ଡିପିଓ)କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସଦରଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନିଯୁକ୍ତି ଦିଆଯାଇଛି। ସେହିପରି ସଦରଥାନାକୁ ନୂତନ ଅଧିକାରୀଭାବେ ଶିଳ୍ପାଂଚଳ ଥାନାରେ ଥିବା ଇନ୍ସପେକ୍ଟର ବାସୁଦେବ ଜୟସିଂଙ୍କୁ ନିଯୁକ୍ତି ଦିଆଯାଇଛି। ବୋଲଗଡ ଥାନା ଅଧିକାରୀ ସ୍ନିଗ୍ଧାମୟୀ ବରାଳଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟ (ଡିପିଓ)କୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ସ୍ପେସିଆଲ କ୍ରାଇମ ଓ ସାଇବର ୟୁନିଟ୍‌ର ଇନ୍ସପେକ୍ଟର ସୁକାନ୍ତ କୁମାର ଦଳେଇଙ୍କ ନୂତନ ଥାନା ଅଧିକାରୀଭାବେ ନିଯୁକ୍ତି ମିଳିଛି। ଏହି କ୍ରମରେ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କୁ ଥାନାରୁ ଡିପିଓ କୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ନୂତନ ଥାନା ଅଧିକାରୀ ଭାବେ ସ୍ପେସିଆଲ କ୍ରାଇମ ଓ ସାଇବର ୟୁନିଟ୍ ଇନ୍ସପେକ୍ଟର ସୁଚିତ୍ରା ଜେନାଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଆଦର୍ଶ ଥାନାରେ ଅତିରିକ୍ତ ଥାନା ଅଧିକାରୀଭାବେ ଶିଳ୍ପାଞ୍ଚଳ ଥାନାରେ ଥିବା ଇନ୍ସପେକ୍ଟର ଭାଗ୍ୟଶ୍ରୀ ବେହେରା ଏବଂ ଇନ୍ସପେକ୍ଟର ସୁନୀତା ବେହେରାଙ୍କୁ ସାଇବର କ୍ରାଇମ୍ ଆଣ୍ଡ ଇକୋନୋମିକ୍ ଅଫେନ୍ସ ଥାନାକୁ ଦାୟିତ୍ୱ ମିଳିଛି। ବଦଳି ହୋଇଥିବା ସମସ୍ତ ଇନ୍ସପେକ୍ଟର ନିଜ ନିଜ ସ୍ଥାନରେ ତୁରନ୍ତ ଯୋଗଦେବାକୁ ଏସ୍‌ପିଙ୍କ ନିର୍ଦ୍ଦେଶ ରହିଛି।

## କୁରାଢ଼ମଲ୍ଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ସୁଆଙ୍ଗ ଓ ପଙ୍ଗାରସିଂହ ଟିମ୍ ବିଜୟୀ

ଖୋର୍ଦ୍ଧା,୧୧।୧୨(ସମିସ): ଖୋର୍ଦ୍ଧା ବ୍ଲକ୍ ଅଧିନସ୍ଥ କୁରାଢମଲ୍ଲ ଠାରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚ୍ ସୁଆଙ୍ଗ ( ଭୁବନେଶ୍ୱର) ଓ ଗଙ୍ଗପଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେଇଥିଲା। ପ୍ରଥମେ ସୁଆଙ୍ଗ (ଭୁବନେଶ୍ୱର) ଦଳ ବ୍ୟାଟିଂ କରି ୧୨ ଓଭର ଖେଳି ୪ ୱିକେଟ ହରାଇ ୨୦୯ ରନ୍ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ବଡ଼ଜେନା ୨୬ ବଲ୍ ରୁ ୭୭ରନ୍ କରିଥିଲେ। ଜବାବରେ ଗଙ୍ଗପଡା ଦଳ ବ୍ୟାଟିଂ କରି ୧୨ ଓଭର ୮ ୱିକେଟ ବିନିମୟରେ ୧୫୪ ରନ୍ କରିଥିଲା। ଦଳ ପକ୍ଷରୁ ଅନିଲ୍ ମହାପାତ୍ର ୧୮ ବଲ୍‌ରୁ ୫୦ ରନ୍ କରିଥିଲେ ମଧ୍ୟ ୫୫ ରନରେ ସୁଆଙ୍ଗ ( ଭୁବନେଶ୍ୱର) ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ବଡ଼ଜେନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚ୍ ଭାଲିଆବାଡି ଓ ପଙ୍ଗାରସିଂହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଙ୍ଗାରସିଂହ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ୱିକେଟ ହରାଇ ୧୬୦ ରନ କରିଥିଲା। ଦଳ ପକ୍ଷରୁ ରଜତ କୁମାର ଦାସ ୨୮ ବଲରୁ ୮୦ ରନ କରିଥିଲେ। ଜବାବରେ ଭାଲିଆବାଡି ଦଳ ୧୨ ଓଭରରେ ୭ ୱିକେଟ ହରାଇ ୧୪୪ ରନ କରିଥିଲା। ଦଳ ତରଫରୁ ଭବେଶ ସାହାଣି ୧୭ ବଲରୁ ୪୭ରନ୍ କରିଥିଲେ। ଫଳରେ ପଙ୍ଗାରସିଂହ ଦଳ ବିଜୟୀ ହୋଇଥିଲେ। ରଜତ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଛବି ନାରାୟଣ ସାହୁ ଓ ତିରୁପତି ସାମନ୍ତରାୟ ପରିଚାଳନା କରିଥିବାବେଳେ ସ୍କୋରର ଜ୍ୟୋତିର୍ମୟୀ ପଟ୍ଟନାୟକ ଓ ଭାଷ୍ୟକାର ଶଶୀଭୂଷଣ ସିଂହ। ଆଜିର ମ୍ୟାଚ୍‌ରେ ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟାଙ୍କ ପ୍ରତିନିଧି କମଳ କୁମାର ଜଗଦ୍ଦେବ, ପୂର୍ବତନ ସରପଞ୍ଚ ପ୍ରସନ୍ନ ସାମନ୍ତରାୟ, କାଇପଦର ସେବା ସମବାୟ ସମିତି ସମ୍ପାଦକ ଝଜ ସାମନ୍ତରାୟ, ଗୋପିନାଥ ମାର୍ଥା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଓଡ଼ିଶା କାରାଗାର ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା,୧୧।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା କାରାଗାର ପରିସରରେ କାରାଗାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାରା ଅଧିକ୍ଷକ



ରାଜୀବ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପ୍ରାଣନାଥସ୍ୱଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଗୋପାଳ ଦାସ ଓ ମୁଖ୍ୟ ବକ୍ତା ଭାବେ ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି ଯୋଗଦେଇଥିଲେ। ପୂର୍ବରୁ ଅନ୍ତେବାସୀଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ସମସ୍ତ ୨୯୬ଜଣ ଅନ୍ତେବାସୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କାରାମଙ୍ଗଳ ଅଧିକାରୀ ଏସ.ଡେନିମ କୁମାର, ସହକାରୀ କାରାପାଳ ସୁବାସ ଚନ୍ଦ୍ର ମଲ୍ଲିକ, ଉପ ସହକାରୀ କାରାପାଳ ଦୟାମୟ ମଲ୍ଲିକ, କିଶୋର କୁମାର ପାଢୀ ପ୍ରମୁଖ ସହଯୋଗ କରିଥିଲେ।

## 'ୱାଇ ଏସ' ମେନ୍ କ୍ଲବ୍ ପକ୍ଷରୁ ସହାୟତା

ଜଟଣୀ,୧୧।୧୨(ସମିସ): ପ୍ରି-ଖ୍ରୀଷ୍ଟମାସରେ ସେବାର ଅନୁପମ ଉଦ୍ୟମ କରି ଜଟଣୀ ୱାଇ ଏସ ମେନ୍ କ୍ଲବ୍ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ୱାଇ ଏସ ମେନ୍ ଇଣ୍ଟରନେସନାଲ ସ୍ଥାପନ ଦିବସ ଅବସରରେ ଦୃଷ୍ଟିହୀନ ଭାଇଭଉଣୀମାନଙ୍କ ପାଇଁ ଏକ ବିଶେଷ ସେବା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ସଂଗଠନର ବ୍ଲାଇଣ୍ଡ ମିଶନ ଯୋଜନାରେ ଏହି କାର୍ଯ୍ୟକ୍ରମ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ, ଜଟଣୀ ରେ ଆୟୋଜିତ କରାଯାଇଥିଲା। ଏହି ଅବସରରେ ଦୃଷ୍ଟିହୀନ ଲୋକମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା, କମ୍ବଳ ଓ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୱାଇ ଏସ ମେନ୍ କ୍ଲବ୍‌ର ଜଟଣୀ ସଭାପତି ସମୁଏଲ ଗାଏନ୍, ସମ୍ପାଦକ ଆର ସନ୍ତି ସ୍ୱରୂପ, କୋଷାଧ୍ୟକ୍ଷ ଜନ୍ ସୁଚିତ ପ୍ରଧାନ, ଅଭିଷେକ ଅନନ୍ଦଜି, ପ୍ରଭୁଦତ୍ତ ପାତ୍ର, ନିବେଦତ୍ତ ପାତ୍ର ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ, ଜଟଣୀର ସଭାପତି ଡ୍ରା. ଡାନିଏଲ୍ ଗାଏନ୍ ଓ ସମ୍ପାଦକ ହିମାଂଶୁ କୁମାର ଦାସ ଯୋଗଦେଇଥିଲେ।

## ୨୭ରେ ଦିବ୍ୟ ମାନବ ନିର୍ମାଣ ଶିବିର

ବେଗୁନିଆ,୧୧।୧୨(ସମିସ): ଗୋବିନ୍ଦପୁର ପଞ୍ଚାୟତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳରେ ଦିବ୍ୟ ମାନବ ନିର୍ମାଣ ଶିବିର ଅନୁଷ୍ଠିତ ହେବ। ଏହା ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହୋଇ ୨୯ରେ ସରିବ ବୋଲି ଗୁରୁକୁଳ ପ୍ରତିଷ୍ଠାତା ବୀରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

## ଆଜି ବେଗୁନିଆ ଆସିବେ ରାଜ୍ୟପାଳ

ବେଗୁନିଆ,୧୧।୧୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୨୦ ବର୍ଷ ପାଳନ ଉପଲକ୍ଷେ ଶୁକ୍ରବାର ଦିନ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଯୋଗ ଦେବାକୁ ନେଇ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ଦେଖିବାକୁ ମିଳୁଛି। ବିଧାୟକ ପ୍ରଦୀପ କୁମାର ସାହୁ ଓ ତହସିଲଦାର ତାପସ ବିଶିଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ତର୍ଜମା କରିଥିଲେ।

## ୧୦୫୦ ଲିଟର ଦେଶୀ ମଦ ଜବତ, ୪ ଗିରଫ



ଜଟଣୀ,୧୧।୧୨(ସମିସ): ଅବକାରୀ ପୁଲିସ ପଞ୍ଝାରେ ଫସିଛନ୍ତି ୪ ଚୋରା ମଦ ବେପାରୀ। ଏକ ପିକଅପ ଭ୍ୟାନ୍ ସହ ୧୦୫୦ ଲିଟର ଦେଶୀ ମଦ ଜବତ ହୋଇଛି । ଗୁରୁବାର ସକାଳ ସମୟରେ ଜଟଣୀ ଜାଗସରା ପାଟଣାଠାରେ ଅବକାରୀ ପୁଲିସର ଏକ ଟିମ ପାଟ୍ରୋଲିଂ କରୁଥିବାବେଳେ ଏକ ପିକଅପ ଗାଡ଼ିରେ ଦେଶୀ ମଦ ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ତା ସହ ସେହି ଗାଡିକୁ ଅନ୍ୟ ଏକ ବୁଲେଟ ଏସ୍କର୍ଟ କରି ନିଆଯାଉଥିଲା। ପୁଲିସ ସଫଳତାର ସହ ଗାଡି ୨ଟିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେହି ଗାଡ଼ିରେ ମୋଟ ୪୨ଟି ବ୍ୟାଗରେ ଦେଶୀ ମଦ ଭର୍ତ୍ତି ହୋଇଥିଲା ଏବଂ ପ୍ରତି ବ୍ୟାଗରେ ୨୫ ଲିଟର ଲେଖାଏଁ ଏପରି ମୋଟ ୧୦୫୦ଲିଟର ମଦ ରହିଥିବା ନେଇ ସୂଚନା ମିଳିଛି। ଅପରାହ୍ନରେ ଅବକାରୀ ଏସ୍‌ପି ସୁମତି ତ୍ରିପାଠୀ, ଜଟଣୀ ଅବକାରୀ ଥାନା ଅଧିକାରୀ ଏନ ଜାଗିନ ରାଓ ପ୍ରେସ ମିଟ୍ କରି ସମସ୍ତ ସୂଚନା ଦେବା ସହ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ମାନେ ହେଲେ କଟକ ଜିଲ୍ଲା ଆଠଗଡ ଅଞ୍ଚଳର ରତିକାନ୍ତ ସାହୁ, ସନ୍ତୋଷ ବାରିକ, ରୂପ ଖମାରି, ବିକାଶ ପ୍ରଧାନ। ଏମାନେ ସମସ୍ତେ ପେସାଦାର ଚୋରା ମଦ ବେପାରୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ବ୍ରହ୍ମାକୁମାରୀ ଡ. କମଲେଶ ଦିଦିଙ୍କ ଶ୍ରଦ୍ଧାଞ୍ଜଳି ସଭା



ଖୋର୍ଦ୍ଧା,୧୧।୧୨(ସମିସ): ସ୍ଥାନୀୟ ମଙ୍ଗଳାନଗର ସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. କମଲେଶ ଦିଦିଜୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ସମ୍ମାନିତ ଅତିଥି ଭାବରେ ଷଷ୍ଠ ରିଜର୍ଭ ବାଟାଲିୟନର କମାଣ୍ଡାଂଟ ବସନ୍ତ କୁମାର ନାୟକ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ବରିଷ୍ଠ ଶଲ୍ୟ ଚିକିତ୍ସକ ଅମିୟ ଜେନାମଣି ପ୍ରମୁଖ ଦିଦିଜୀଙ୍କ ଗୁଣମାନ କରିଥିଲେ। ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀ ଦିଦିଜୀଙ୍କ ଅଙ୍ଗ ସଂଗର ପାଳନା ଶୁଣାଇଥିଲେ। ବ୍ରହ୍ମାକୁମାରୀ ରଶ୍ମି ଭଉଣୀ ଓ ବ୍ରହ୍ମାକୁମାରୀ କଳ୍ପନା ଭଉଣୀ ମଂଚାସୀନ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ତିଳକ, ଉତରୀୟ ଓ ଈଶ୍ୱରୀୟ ଉପହାର ପ୍ରଦାନ କରିଥିଲେ। ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ସହରରେ ଦିଦିଜୀଙ୍କ ୪୧ବର୍ଷର ଆଧ୍ୟାତ୍ମିକ ସେବାର ବିବରଣୀ ପାଠ କରିଥିଲେ। ପ୍ରାୟ ୩୦୦ ଭାଇ ଭଉଣୀ ଯୋଗ ଦେଇ ଦିଦିଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଜିଲ୍ଲାରେ ସକ୍ରିୟ ହୋଇପାରୁନି ଛାତ ଯୋଜନା

## ଟାର୍ଗେଟ ୭୯୫, ସମ୍ପୂର୍ଣ୍ଣ ହୋଇଛି ମାତ୍ର ୪୨ଟି

ନିରାକାରପୁର,୧୧।୧୨ (ସମିସ): ଭୂତଳ ଜଳସ୍ତର ହ୍ରାସକୁ ରୋକିବା ଏବଂ ଜଳ ସୁରକ୍ଷା ବଢ଼ାଇବା ପାଇଁ ବର୍ଷାଜଳ ସଂରକ୍ଷଣ କରି ଭୂତଳକୁ ପଠାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ଭୂତଳ ଜଳ ପୁନଃ ଭରଣା ପାଇଁ ଆରମ୍ଭ କରାଯାଇଥିବା ଏକ ପ୍ରମୁଖ ଯୋଜନା ହେଉଛି 'ଛାତ' ଯୋଜନା। ଛାତ ଉପରେ ପଡୁଥିବା ବର୍ଷା ଜଳକୁ ସଂଗ୍ରହ କରି ତାହାକୁ କୃତ୍ରିମ ଉପାୟରେ ଭୂତଳ ଜଳ ଭଣ୍ଡାରକୁ ପୁନଃ ଭରଣା କରାଯାଇଥାଏ। ଏହି ଯୋଜନାରେ ରାଜ୍ୟରେ ସଙ୍କଟଗ୍ରସ୍ତ ୫୨ଟି ବ୍ଲକ୍ ଏବଂ ୨୭ଟି ସହରାଞ୍ଚଳରେ ୨୦୨୨-୨୩ରୁ ୨୦୨୬-୨୭ ଆର୍ଥିକ ବର୍ଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବ୍ୟକ୍ତିଗତ କୋଠା ମାଲିକମାନଙ୍କୁ ବର୍ଷାଜଳ ସଂଗ୍ରହ ସରଞ୍ଜନା ନିର୍ମାଣ ପାଇଁ ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯାଉଛି ସର୍ବାଧିକ




୫୫୦୦୦ କିମ୍ବା ମୂଲ୍ୟ ୫୦% ଯେଉଁ ଟି କମ୍ ହେବ ତାହାକୁ ସବସିଡି ଆକାରରେ ଦେବାର ସୁବିଧା ଅଛି। ଛାତରୁ ଜଳ ସଂଗ୍ରହ ପାଇଁ ପାଇପ, ରେଡ଼ିମେଡ ଫିଲ୍ଟର ୟୁନିଟ୍, ବିଶୁଦ୍ଧ ଜଳକୁ ଭୂତଳକୁ ପଠାଇବା ପାଇଁ ନଳକୂପ ବା ପୁରୁଣା କୂଅ କରିବାକୁ ପଡ଼ିଥାଏ। ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ଟାଉନ୍ ପାଇଁ ୭୦ ଟି ସରକାରୀ ଏବଂ ୪୦୦୦ଟି ବ୍ୟକ୍ତିଗତ ୟୁନିଟ୍, ଖୋର୍ଦ୍ଧା ଟାଉନ୍‌ର ୪୦ଟି ସରକାରୀ ଏବଂ ୧୦୦୦ଟି ବ୍ୟକ୍ତିଗତ ୟୁନିଟ୍ ସ୍ଥାପନ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ବୋଲଗଡ଼ ବ୍ଲକ୍‌ରେ ୨୫ଟି, ବାଲିପାଟଣା ବ୍ଲକ୍‌ରେ ୧୮ ଟି, ଭୁବନେଶ୍ୱର ବ୍ଲକ୍‌ରେ ୩୦ଟି, ଖୋର୍ଦ୍ଧା ବ୍ଲକରେ ୩୦ଟି ୟୁନିଟ୍ ସରକାରୀ କାର୍ଯ୍ୟାଳୟରେ ସ୍ଥାପନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ଅର୍ଦ୍ଧେନ୍ଦୁ ଶେଖର ରାଉତ, ଆଶିଷ ମହାନ୍ତି, ଅମରକାନ୍ତ ବଡ଼ଜେନା, ଅଶୋକ ହରିଚନ୍ଦନଙ୍କୁ କନସଲଟାଣ୍ଟ ଭାବେ ନିଯୁକ୍ତ କରାଯାଇଛି। ଜିଲ୍ଲାରେ ସଚେତନତା ଅଭାବରୁ ଅନେକ ଇଚ୍ଛୁକ ଲୋକେ ଜାଣି ପାରୁନାହାନ୍ତି ଯାହା ଫଳରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇ ପାରୁନି ବୋଲି ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ଜିଲ୍ଲାରେ ୧୯ରୁ ୨୩ ପାଳନ ହେବ ସୁଶାସନ ସପ୍ତାହ

ଖୋର୍ଦ୍ଧା,୧୧।୧୨(ସମିସ): ଜିଲ୍ଲାରେ ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ସୁଶାସନ ସପ୍ତାହ ପାଳନ କରାଯିବ। ୨୫ ତାରିଖରେ ସୁଶାସନ ଦିବସ ପାଳନ ହେବ। ଆଜି ଅପରାହ୍ନରେ ଏ ନେଇ ଆଭାସୀ ଯୋଗେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଯୋଡ଼ି ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପ୍ରକାଶ କରିଥିଲେ ଯେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଡିସେମ୍ବର ୨୫ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପାଳନ କରାଯିବ। ଏହି ସୁଶାସନ ସପ୍ତାହ ପାଳନ ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମିଶନ ମୋଡ୍ ରେ ଜନତାଙ୍କ ଅଭିଯୋଗ ଗୁଡ଼ିକୁ ସମାଧାନ କରାଯିବ। ଆସନ୍ତା ଡ଼ିସେମ୍ବର ୨୨ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକରେ ପଲ୍ଲୀରେ ପ୍ରଶାସନ କ୍ୟାମ୍ପ କରାଯାଇ ଲୋକମାନଙ୍କର ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣି କରାଯିବ। ଡିସେମ୍ବର ୧୯,୨୦,୨୧,୨୩ ତାରିଖରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଖୋର୍ଦ୍ଧା ଓ ଜଟଣୀ ପୌର ପରିଷଦ ନିର୍ବାହୀ ଅଧିକାରୀ, ବାଣପୁର, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଉପନିର୍ଦ୍ଦେଶକ, ମତ୍ସ୍ୟ ବିଭାଗ, ଜିଲ୍ଲା ପଶୁ ସମ୍ପଦ ବିଭାଗ, ଟିପିସିଓଡିଏଲ ତଥା ବିଦ୍ୟୁତ୍ ବିଭାଗ, ଜିଲ୍ଲା ଶିକ୍ଷା ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଭୃତି ଅତ୍ୟାବଶ୍ୟକ ସେବା ପ୍ରଦାନକାରୀ ବିଭାଗ ଗୁଡ଼ିକ ୪ଦିନ ଯାକ ଲଗାତର ଜନଶୁଣାଣି ଶିବିର ଆୟୋଜନ କରାଇ ସର୍ବାଧିକ ଅଭିଯୋଗ ଗୁଡ଼ିକୁ ସମାଧାନ କରି ଦୈନନ୍ଦିନ ଅଭିଯୋଗ ଫଇସଲା ରିପୋର୍ଟ ଓ ହିତାଧିକାରୀ ଏବଂ ଅଭିଯୋଗ ପ୍ରକୋଷ୍ଠରେ ଲାଭାନ୍ୱିତ ହୋଇଥିବା ଜନସାଧାରଣଙ୍କ ଚାକ୍ଷୁଷ ବା ଦୃଷ୍ଟିଗତ ଫଟୋ ଓ ଯୋଜନା ସମ୍ପର୍କିତ ସଫଳ କାହାଣୀ ଜିଲ୍ଲା ପ୍ରଶାସନକୁ ପଠାଇବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ନୋଡାଲ ଅଧିକାରୀ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରିବାଳା ଜେନା, ଡେପୁଟି କଲେକ୍ଟର (ନ୍ୟାୟିକ) ଅନନ୍ୟା ସୃଷ୍ଟି ଶତପଥୀ, ଡେପୁଟୀ କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

